# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 01 October – 2025

***********************************

## ମୁଖ୍ୟ ସମ୍ବାଦ

- ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ସ୍ୱେଚ୍ଛାସେବୀମାନେ ରାଷ୍ଟ୍ରସେବା ସହିତ ସମାଜକୁ ସଶକ୍ତ କରିବା ଦିଗରେ ସଂପୂର୍ଣ୍ଣ ସମର୍ପିତ; କହିଲେ ପ୍ରଧାନମନ୍ତ୍ରୀ
- ରେପୋ ରେଟ୍‌କୁ ୫ ଦଶମିକ ୫ ପ୍ରତିଶତରେ ଅପରିବର୍ତ୍ତିତ ରଖିଲେ ଭାରତୀୟ ରିଜର୍ଭ ବ୍ୟାଙ୍କ୍
- ରାଜ୍ୟର ବିଭିନ୍ନ ଶକ୍ତିପୀଠରେ ଜଗଜ୍ଜନନୀ ମା' ଦୁର୍ଗାଙ୍କର  ଦଶମୀପୂଜା ଓ ମଣ୍ଡପ ଗୁଡ଼ିକରେ ନବମୀ ପୂଜା ଅନୁଷ୍ଠିତ
- ସ୍ୱେଚ୍ଛାକୃତ ରକ୍ତଦାନ ପ୍ରୋତ୍ସାହନ ଦିଗରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ  ଆଜି ପାଳନ କରାଯାଉଛି ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ

ଏବଂ

- ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପର ପ୍ରଭାବରେ ଆସନ୍ତା ଶନିବାର ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ଲାଗି ରହିବ ବର୍ଷା

# ପିଏମ୍‌-ଆର୍‌ଏସ୍‌ଏସ୍‌

ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ-ଆରଏସଏସ୍‌ ସ୍ୱେଚ୍ଛାସେବୀମାନେ ରାଷ୍ଟ୍ରସେବା ସହିତ ସମାଜକୁ ସଶକ୍ତ କରିବା ଦିଗରେ ଅକ୍ଳାନ୍ତ ପରିଶ୍ରମ କରି ଦେଶସେବାରେ ସଂପୂର୍ଣ୍ଣ ସମର୍ପିତ ଅଛନ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି।  ନୂଆଦିଲ୍ଲୀର ଆମ୍ବେଦକର ଅନ୍ତର୍ଜାତୀୟ କେନ୍ଦ୍ରରେ ଆର୍‌ଏସ୍‌ଏସ୍‌ର ଶତବାର୍ଷିକୀ ସମାରୋହରେ ଯୋଗ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି....

**- V/O -(PM)**

ଶ୍ରୀ ମୋଦୀ କହିଛନ୍ତି, ୧୦୦ବର୍ଷ ପୂର୍ବେ ଏହି ମହାନ୍‌ ଦିବସରେ ଏକ ସଂଗଠନ ଭାବେ ଆରଏସ୍‌ଏସ୍‌ର ପ୍ରତିଷ୍ଠା କେବଳ ଏକ ସଂଯୋଗ ନଥିଲା। ବରଂ ଏହା ହଜାର ହଜାର ବର୍ଷ ଧରି ଚାଲୁଥିବା ଏକ ପରମ୍ପରାର ପୁନରୁତ୍ଥାନ ଥିଲା । ପ୍ରଧାନମନ୍ତ୍ରୀ ସ୍ମରଣ କରାଇ ଦେଇଥିଲେ ଯେ, ଆରଏସଏସ ସ୍ୱେଚ୍ଛାସେବୀମାନେ ମଧ୍ୟ ୧୯୬୩ ମସିହାରେ ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ଅଂଶ ଗ୍ରହଣ କରି ଗର୍ବର ସହ ପଦଯାତ୍ରା କରିଥିଲେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ରାଷ୍ଟ୍ର ପ୍ରତି ଆର୍‌ଏସଏସ୍‌ର ଅବଦାନ ଆଧାରରେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଏକ ସ୍ମାରକୀ ଡାକ ଟିକଟ ଏବଂ ମୁଦ୍ରାକୁ ଉନ୍ମୋଚନ କରିଥିଲେ । କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ କେନ୍ଦ୍ର ସଂସ୍କୃତିମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ କହିଛନ୍ତି, ଆରଏସଏସ୍‌ ଲୋକଙ୍କ ମଧ୍ୟରେ ରାଷ୍ଟ୍ର ନିର୍ମାଣ ଏବଂ ସାଂସ୍କୃତିକ ସଚେତନତାର ଭାବନାକୁ ପ୍ରଜ୍ୱଳିତ କରୁଛି ।

# ଆର୍‌ବିଆଇ-ମନିଟାରୀ ପଲିସି

ଭାରତୀୟ ରିଜର୍ଭ ବ୍ୟାଙ୍କ-ଆରବିଆଇ ଚଳିତ ଆର୍ଥିକବର୍ଷ ପାଇଁ ଜିଡିପି ଅଭିବୃଦ୍ଧି ଆକଳନକୁ ୬ ଦଶମିକ ୮ ପ୍ରତିଶତକୁ ସଂଶୋଧନ କରିଛି । ଚଳିତ ଆର୍ଥିକବର୍ଷରେ ମୁଦ୍ରାସ୍ଫୀତି ୨ ଦଶମିକ ୬ ପ୍ରତିଶତରେ ରହିବା ନେଇ ଅନୁମାନ କରିଛି, ଯାହା ପୂର୍ବ ଆକଳନ ତୁଳନାରେ କମ୍ ରହିଛି ।

ଚଳିତବର୍ଷ ଅଗଷ୍ଟ ମାସରେ ଭାରତୀୟ ରିଜର୍ଭ ବ୍ୟାଙ୍କ ୨୦୨୫-୨୬ ଆର୍ଥିକବର୍ଷ ପାଇଁ ଜିଡିପି ଅଭିବୃଦ୍ଧି ହାର ୬ ଦଶମିକ ୫ ପ୍ରତିଶତ ଏବଂ ମୁଦ୍ରାସ୍ଫୀତି ୩ ଦଶମିକ ୧ ପ୍ରତିଶତ ହେବ ବୋଲି ପୂର୍ବାନୁମାନ କରିଥିଲା ।

ଆରବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା ଆଜି ମୁମ୍ବାଇରେ ଚଳିତ ଆର୍ଥିକବର୍ଷର ଚତୁର୍ଥ ଦ୍ୱିମାସିକ ନୀତି ଘୋଷଣା କରି କହିଛନ୍ତି, ଆରବିଆଇ ଏହାର ରେପୋରେଟ୍ ବା ସୁଧହାରକୁ ୫ ଦଶମିକ ୫ ପ୍ରତିଶତରେ ଅପରିବର୍ତ୍ତିତ ରଖିବାକୁ ନିଷ୍ପତ୍ତି ନେଇଛି ।

# ସେବାପର୍ବ-ବିଶ୍ୱସ୍ତରୀୟ ସହଭାଗୀତା

ସେବା ଏବଂ ସୁଶାସନ ଅର୍ଥାତ୍ ଜନସେବା ଓ ସୁଶାସନର ମନ୍ତ୍ରଦ୍ୱାରା ପରିଚାଳିତ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ପରିବର୍ତ୍ତନ ଏବଂ ପ୍ରଗତି ଆଣିବା ପାଇଁ ନିରନ୍ତର ଉଦ୍ୟମ ଜାରି ରଖିଛନ୍ତି ।

ଆମର ସ୍ୱତନ୍ତ୍ର ଧାରାବାହିକ ସେବା ପର୍ବରେ ଆସନ୍ତୁ ଜାଣିବା କେନ୍ଦ୍ର ସରକାର ବିଶ୍ୱସ୍ତରୀୟ ସହଭାଗିତା କ୍ଷେତ୍ରରେ ଭାରତର ସ୍ଥିତିକୁ ମଜଭୁତ୍ କରିପାରିଛନ୍ତି । ଏ ସଂପର୍କରେ ଏକ ରିପୋର୍ଟ...........

## Seba Parba Opening

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ବିଶ୍ୱସ୍ତରରେ ଭାରତର ସମ୍ପର୍କର ଅଭୁତପୂର୍ବ ପରିବର୍ତ୍ତନ ଘଟିଛି। ବୈଦେଶିକ ବ୍ୟାପାର କ୍ଷେତ୍ରରେ ଦେଶକୁ ଏକ ପ୍ରଭାବଶାଳୀ ଶକ୍ତି ରୂପରେ  ପ୍ରତିପାଦିତ କରିଛି। ବିଶ୍ୱର ଦକ୍ଷିଣାର୍ଦ୍ଧର ରାଷ୍ଟ୍ରଗୁଡ଼ିକ ପ୍ରତି ଭାରତର ଦୃଷ୍ଟିକୋଣ ଏବଂ ପ୍ରତିବଦ୍ଧତା ଏକ ବିକାଶଶୀଳ ରାଷ୍ଟ୍ର ଭାବେ ପୃଥିବୀରେ ଏକ ବହୁଧ୍ରୁବୀୟ ବଳିଷ୍ଠ ପ୍ରତିନିଧିତ୍ୱର କାର୍ଯ୍ୟ ସମ୍ପାଦନ କରୁଛି।

ଏହି ଚିନ୍ତାଧାରାରେ ଭାରତର ଅଧ୍ୟକ୍ଷତାରେ ଜି-୨୦ରେ ଆଫ୍ରିକୀୟ ସଂଘକୁ ଅନ୍ତର୍ଭୁକ୍ତ କରିବା ପାଇଁ ପ୍ରୟାସ ଏବଂ କୋଭିଡ୍-୧୯ ମହାମାରୀ ସମୟରେ ଭାରତର ପ୍ରତିଷେଧକ ଟିକା **ମୈତ୍ରୀ**ରେ ପ୍ରତିଫଳିତ ହୋଇଥିଲା। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି...

## V/O (PM)

ଭାରତର ବହୁପାକ୍ଷିକ ସମ୍ପର୍କର ମୂଳରେ ଜାତୀୟ ସ୍ୱାର୍ଥ ଏବଂ ରଣନୀତିର ସ୍ୱାୟତ୍ତତାର ସିଦ୍ଧାନ୍ତ ରହିଛି। ବ୍ରିକ୍ସ, **QUAD** ଏବଂ ଏସ୍‌ସିଓ ଭଳି ଫୋରମ୍‌ରେ ବିଶ୍ୱସ୍ତରରେ ଭାରତର ଯୋଗଦାନ ଏହାକୁ ପ୍ରତିଫଳିତ କରୁଛି। ବ୍ରିକ୍ସ ସହିତ  ବିଶ୍ୱସ୍ତରୀୟ ସମ୍ପର୍କକୁ ସୁଦୃଢ଼ କରିବା, କ୍ୱାଡ୍ ସହିତ ସୁରକ୍ଷା ଏବଂ ପ୍ରଯୁକ୍ତିବିଦ୍ୟା ସହଯୋଗକୁ ଆଗକୁ ବଢ଼ାଇବା ଏବଂ ଏସ୍‌ସିଓ ମାଧ୍ୟମରେ ଆତଙ୍କବାଦ ନିରୋଧ ପ୍ରୟାସକୁ ଭାରତ ତା'ର ପ୍ରତିବଦ୍ଧତାକୁ ବିଶ୍ୱସ୍ତରରେ ପ୍ରତିପାଦିତ କରିପାରିଛି।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ବିଭିନ୍ନ ରାଷ୍ଟ୍ରକୁ ଗସ୍ତ ଦ୍ୱାରା ଭାରତକୁ ବିଶ୍ୱସ୍ତରରେ ଅଗ୍ରଣୀ ରାଷ୍ଟ୍ରର ମାନ୍ୟତା ମିଳିଛି ଏବଂ ସେହିସବୁ ରାଷ୍ଟ୍ରସହିତ ଦେଶ ସହଭାଗୀତାକୁ ମଜଭୁତ କରିଛି। ଆନ୍ତର୍ଜାତିକ ବ୍ୟାପାର ବିଶେଷଜ୍ଞ ପ୍ରଫେସର **ଚିନ୍ତାମଣୀ ମହାପାତ୍ର** କହିଛନ୍ତି, ବିଶ୍ୱସ୍ତରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସ୍ୱର ଗୁରୁତ୍ୱପୂର୍ଣ୍ଣ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ କେବଳ ଅଂଶୀଦାର ଭାବରେ ନୁହେଁ ବରଂ ବହୁପାକ୍ଷିକ ସମ୍ପର୍କରେ ପରିଚାଳକ ଭାବରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି।

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ମହେଶ୍ୱର ସାହୁ

**Seba Parba Closing**

## ଦୁର୍ଗାପୂଜା

ଆଦ୍ୟାଶକ୍ତି, ଜଗଦ୍ଧାତ୍ରୀ, ଜଗତ୍‌ଜନନୀ ମା’ ଦୁର୍ଗାଙ୍କର ଶକ୍ତିପୀଠଗୁଡ଼ିକରେ ଆଜି ଦଶମୀ ପୂଜା ଚାଲିଛି। ପୁରପଲ୍ଲୀଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ପୂଜା ମଣ୍ଡପଗୁଡ଼ିକରେ ମହାନବମୀ ପୂଜା ଏବଂ ହୋମ ଯଜ୍ଞ ଚାଲିଛି। ଶରତ୍‌କାଳକୁ ଦେବୀଙ୍କ ଆବାହନ ସମୟ ଭାବେ ଅଭିହିତ କରାଯାଇ ଷୋଡ଼ଶ ଦିନାତ୍ମକ, ନବରାତ୍ରି ଓ ତ୍ରିଦିନାତ୍ମକ ପୂଜା ଉତ୍ସବର ଅବତାରଣା କରାଯାଇଛି । ପୁରୀ ଶ୍ରୀକ୍ଷେତ୍ରରେ ମା’ ବିମଳାଙ୍କର ଆଜି ବିଶ୍ରାମ ପୂଜା ହେଉଛି। ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କ ଆସନ୍ତାକାଲି ସୁନାବେଶ ଅନୁଷ୍ଠିତ ହେବ । ଅବକାଶ ନୀତି ପରେ ଚନ୍ଦନଲାଗି କରାଯାଇ ନୂଆ ଲୁଗା ସମେତ

୩୨ ମୂର୍ତ୍ତି ସ୍ୱର୍ଣ୍ଣ ଅଳଙ୍କାରରେ ସୁନାବେଶ ଅନୁଷ୍ଠିତ ହେବ। ସକାଳ ଧୂପ ସରିବା ପରେ ଆୟୁଧମାନଙ୍କୁ ମହାସ୍ନାନ ପୂର୍ବକ ବରୁଣ ପୂଜା କରାଯିବାର ନୀତି ରହିଛି। ସ୍ୱର୍ଣ୍ଣଅଳଙ୍କାର ବିଭୂଷିତ ହୋଇ ଶ୍ରୀଜୀଉମାନେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ। ଶ୍ରୀମଦନମୋହନ, ଶ୍ରୀରାମ, ଶ୍ରୀକୃଷ୍ଣ' ବୀରବେଶ ଧାରଣ କରି ଶ୍ରୀଜଗନ୍ନାଥ ବଲ୍ଲଭ ମଠସ୍ଥିତ ମହାଖଳାକୁ ବିଜେ କରିବେ।

**ନୟାଗଡ଼** ଜିଲ୍ଲାର ବିଭିନ୍ନ ଶକ୍ତିପୀଠ ସମେତ ୯୫ଟି ସ୍ଥାନରେ ମୃଣ୍ମୟୀ ଦେବୀଙ୍କ ପୂଜାର୍ଚ୍ଚନା ଚାଲିଛି। ନୟାଗଡ଼, ଭାପୁର, ଖଣ୍ଡପଡ଼ା, ଓଡ଼ଗାଁ, ରଣପୁର, ଦଶପଲ୍ଲା, ଗଣିଆ, ନୂଆଗାଁ ବ୍ଲକ୍‌ରେ ମା'ଙ୍କର ମହାନବମୀ ପୂଜା ଜାକଜମକରେ ଅନୁଷ୍ଠିତ ହେଉଛି।

**ଭଦ୍ରକ** ଜିଲ୍ଲା ଆରଡୀର ବାବା ଆଖଣ୍ଡଳମଣିଙ୍କ ପୀଠରେ ମା' ଜୟଦୁର୍ଗା ଆଜି ଦଶଭୂଜା ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି। ମୃଣ୍ମୟୀ ପୂଜାମଣ୍ଡପଗୁଡ଼ିକରେ ସ୍ୱତନ୍ତ୍ର ନୀତିକାନ୍ତି ସହ ମହାନବମୀ ପାଳନ କରାଯାଉଛି।

**ନୂଆପଡ଼ା** ଜିଲ୍ଲାରେ ମା' ଜଗତ୍‌ଜନନୀଙ୍କୁ ସିଦ୍ଧିଦାତ୍ରୀ ରୂପେ ପୂଜା କରାଯାଉଛି। ପରମ୍ପରା ଅନୁଯାୟୀ, ଆଜି ନବକୁମାରଙ୍କ ପୂଜା କରିବା ଦ୍ୱାରା ସିଦ୍ଧି ପ୍ରାପ୍ତ ହୋଇଥାଏ ବୋଲି ବିଶ୍ୱାସ ରହିଛି।

**ସୁବର୍ଣ୍ଣପୁର**ର ପ୍ରସିଦ୍ଧ ମହାବଳୀ ଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଛି। ଖମ୍ବେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ କଳା-ଧଳା ଛତ୍ରଧରି ଚେପଟା ଢ଼ୋଲ ଉପରେ ନୃତ୍ୟ କରୁଥିବା ମହାବଳୀକୁ ଶ୍ରଦ୍ଧାଳୁମାନେ ଦର୍ଶନ କରିଛନ୍ତି।

ପାଟଣାଗଡ଼ର ଆରାଧ୍ୟଦେବୀ ମା' ପାଟଣେଶ୍ୱରୀଙ୍କର ପ୍ରସିଦ୍ଧ ବଏଲ ଯାତ୍ରା ସମ୍ପୂର୍ଣ୍ଣ ହୋଇଛି। ମା' ପାଟଣେଶ୍ୱରୀ ବରୁଆ ଦେହରେ ବିଜେ ହୋଇ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ପରେ ସମଲେଶ୍ୱରୀ ମନ୍ଦିରକୁ ଯାଇ ମା' ସହିତ ଭେଟ ହେବା ପରେ ଗଡ ଭିତରେ ପୋତାଯାଇଥିବା ଅଷ୍ଟମଲ୍ଲଙ୍କୁ ଖଣ୍ଡା ପ୍ରହାର କରିଥିଲେ। ଏହାକୁ ଖପରଚୁପା କୁହାଯାଏ।

## ରକ୍ତଦାନ/ବରିଷ୍ଠ ନାଗରିକ ଦିବସ

ସ୍ୱେଚ୍ଛାକୃତ ରକ୍ତଦାନକୁ ପ୍ରୋତ୍ସାହିତ କରିବା, ରକ୍ତ ସଂଗୃହିତ କେନ୍ଦ୍ରଗୁଡ଼ିକ ପାଇଁ ଆବଶ୍ୟକ ଭିତ୍ତିଭୂମିର ସୁବିଧା ଏବଂ ଜାତୀୟ ରକ୍ତ ନୀତିକୁ କାର୍ଯ୍ୟକାରୀ କରିବା ଲକ୍ଷ୍ୟରେ ଆଜି ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ପାଳନ କରାଯାଉଛି । ରକ୍ତଦାନ, ମହତ ଦାନ' ଏ ସମ୍ପର୍କରେ ଜନ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ସରକାରୀ ଓ ବେସରକାରୀ ସ୍ତରରେ ବିଭିନ୍ନ ଜନ ସଚେତନତାମୂଳକ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି ।

ଆଜି ମଧ୍ୟ ଅନ୍ତର୍ଜାତୀୟ ସ୍ତରରେ ବରିଷ୍ଠ ନାଗରିକ ଦିବସ ପାଳନ କରାଯାଉଛି। ବରିଷ୍ଠ ନାଗରିକଙ୍କ ଅଭିଜ୍ଞତା ଏବଂ ବୁଦ୍ଧିମତାକୁ ସମ୍ମାନ ପ୍ରଦର୍ଶନ ଲକ୍ଷ୍ୟରେ ପ୍ରତ୍ୟେକ ବର୍ଷ ଅକ୍ଟୋବର ପହିଲାରେ ସମଗ୍ର ବିଶ୍ୱରେ ଏହି ଦିବସ ଆଜି ପାଳନ କରାଯାଇଥାଏ। "ସ୍ଥାନୀୟ ଏବଂ ବିଶ୍ୱସ୍ତରୀୟ କାର୍ଯ୍ୟକୁ ପରିଚାଳିତ କରୁଥିବା ବୟସ୍କ ବ୍ୟକ୍ତି – ଆମର ଆକାଂକ୍ଷା, ଆମର ମଙ୍ଗଳ ଏବଂ ଆମର ଅଧିକାର" ଚଳିତ ବର୍ଷର ବାର୍ତ୍ତା ରହିଛି ।

## ପରିଯୋଜନା

**ନବରଙ୍ଗପୁର** ସାଂସଦ ବଳଭଦ୍ର ମାଝୀଙ୍କ ସଭାପତିତ୍ୱରେ ବାନୂଆଗୁଡ଼ା ପଂଚାୟତ ପରିସରରେ ମା’ ପେଣ୍ଡାଣି ସଂକଳ୍ପ ବିକାଶ ପରିଯୋଜନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଝରିଗାଁ ଗୋଷ୍ଠି ଉନ୍ନୟନ ଅଧିକାରୀଙ୍କ ସମେତ ବିଭାଗୀୟ ଅଧିକାରୀ ଏବଂ ଜନପ୍ରତିନିଧି ଯୋଗଦେଇ ଏହି ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରିଥିଲେ।

## ବିଏସ୍ଏଫ୍ ପ୍ରତିଷ୍ଠା ଦିବସ

**କୋରାପୁଟ**ର ୧୮୦ ବାଟାଲିୟନ୍‌ର ବିଏସ୍ଏଫ୍‌ର ପ୍ରତିଷ୍ଠା ଦିବସ ଅବସରରେ କୋରାପୁଟ ମୁଖ୍ୟାଳୟଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରୁ ୪୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। କାର୍ଯ୍ୟକ୍ରମରେ ଡିଆଇଜି ସତ୍ୟବାନ୍ ଖାଞ୍ଜି ଉପସ୍ଥିତ ରହି ରକ୍ତଦାନ କରି ଅନ୍ୟର ଜୀବନ ରକ୍ଷା କରିବାର ବାର୍ତ୍ତାକୁ ଜନସାଧାରଣଙ୍କ ମଧ୍ୟରେ ପ୍ରଚାର ପ୍ରସାର କରିବା ପାଇଁ କହିଥିଲେ।

## ନନ୍ଦନକାନନ

ନନ୍ଦନକାନନ ପ୍ରାଣୀଉଦ୍ୟାନ ଓ ରାଜ୍ୟ ଉଦ୍ଭିଦ ଉଦ୍ୟାନ ପରିଭ୍ରମଣର ସମୟରେ ପରିବର୍ତ୍ତନ କରାଯାଇଛି। ଆଜିଠାରୁ ସକାଳ ୮ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ପର୍ଯ୍ୟଟକମାନେ ନନ୍ଦକାନନ ବୁଲି ଦେଖି ପାରିବେ। ଆସନ୍ତା ମାର୍ଚ୍ଚ ମାସ ୩୧ ତାରିଖ ପର୍ଯ୍ୟନ୍ତ ଏହି ନିୟମ ବଳବତ୍ତର ରହିବ। ତେବେ ପୂର୍ବଭଳି ସପ୍ତାହର ପ୍ରତି ସୋମବାର ନନ୍ଦନକାନନ ବନ୍ଦ ରହିବ ବୋଲି ନନ୍ଦନକାନନ କର୍ତ୍ତୃପକ୍ଷ କହିଛନ୍ତି।

## ପାଣିପାଗ

ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ଅଧିକ ଘନୀଭୂତ ହୋଇ ଆସନ୍ତାକାଲି ସକାଳ ସୁଦ୍ଧା ଅବପାତର ରୂପ ନେବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗର ସୂଚନା ମିଳିଛି। ଏହାର ପ୍ରଭାବରେ ଆଜିଠାରୁ ୪ ତାରିଖ ଶନିବାର ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷାର ସମ୍ଭାବନା ରହିଛି। ଗଜପତି, ଗଞ୍ଜାମ, କୋରାପୁଟ, ମାଲକାନଗିରି, ରାୟଗଡ଼ା, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ।

ପାଣିପାଗ ବିଭାଗ ବିସ୍ତାରିତ ଆକଳନ ଅନୁସାରେ ଆଜିଠାରୁ ଡିସେମ୍ବର ମାସ ପର୍ଯ୍ୟନ୍ତ ଦେଶରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇପାରେ । ଜୁନ୍ ପହିଲାରୁ ସେପ୍ଟେମ୍ବର ମାସ ଶେଷ ପର୍ଯ୍ୟନ୍ତ ରାଜ୍ୟରେ ସ୍ୱାଭାବିକ ବର୍ଷା ରେକର୍ଡ଼ କରାଯାଇଛି ।  ପାଣିପାଗ ବିଭାଗର ସୂଚନା ଅନୁସାରେ, ରାଜ୍ୟର ଉତ୍ତର ପଶ୍ଚିମ ଜିଲ୍ଲାଗୁଡ଼ିକରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇଛି । ପୁରୀ ଜିଲ୍ଲାରେ ୨୮ ପ୍ରତିଶତ, କଳାହାଣ୍ଡି ଜିଲ୍ଲାରେ ୨୫ ପ୍ରତିଶତ ଏବଂ ଖୋର୍ଦ୍ଧା ଜିଲ୍ଲାରେ ୨୦ ପ୍ରତିଶତ କମ୍ ବର୍ଷା ହୋଇଛି । ୨୧ଟି ଜିଲ୍ଲାରେ ସ୍ୱାଭାବିକ ବର୍ଷା ରେକର୍ଡ଼ କରାଯାଇଥିବାବେଳେ କୋରାପୁଟ, ଝାରସୁଗୁଡ଼ା, ଦେବଗଡ଼, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ ଜିଲ୍ଲାଗୁଡ଼ିକରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇଛି ।